## ● କଠିନ ଶବ୍ଦର ଅର୍ଥ

ହାଲିଆ ହେବା - ଥକିଯିବା

ହୁକୁମ - ଆଦେଶ

ଅଇଲା - ଆସିଲା

ଛତି - ମୁଣ୍ଡି

ଦଣ୍ଡେ - କିଛି ସମୟ

ପରକାରେ - ପ୍ରକାରେ

ହାଉଳି - ଭୟ

ଡହଳ ବିକଳ - ବ୍ୟାକୁଳତା

ଅଥୟ - ଅସ୍ଥିର

ଏଥକୁ - ଏହାକୁ

ବଙ୍କଟେ - ଖୁବ୍ ଛୋଟ
ବାଇଆ - ଚଗଲା
ବିଚାରୁ ବିଚାରୁ - ଭାବୁଭାବୁ
ମଥାନ - ଅଗ୍ରଭାଗ
କଅଁଳା - କମ୍ ବୟସର
ଆଖି ପିଛୁଳାକେ - ମୁହୂର୍ତ୍ତକ ମଧ୍ୟରେ
ଚହଳ - ପାଟି ତୁଣ୍ଡ
ଗହଳ - ଘଞ୍ଚ
ପୁଚ୍ଛନ୍ତି - ପଚାରନ୍ତି
ମଥାମଣି - ମୁଣ୍ଡର ମଣି, ଶ୍ରେଷ୍ଠ
ଉଲ୍ଲସି - ଆନନ୍ଦରେ ଶିହରି ଉଠି
କୁଣ୍ଢାଇବା - କାବୋଡ଼ି ଧରିବା
ଥୋକାଏ - କେତେକ
ଭାଳି - ଚିନ୍ତା କରି
ମହତ - ସମ୍ମାନ, ମର୍ଯ୍ୟାଦା
ହାଣ - ହାଣିବା
ମେଞ୍ଚଡ଼ - ଅତି ଅଳ୍ପ ବୟସର
ଦରିଆ - ସମୁଦ୍ର
ଦାଏ - ଦାୟୀ, ଦାୟିତ୍ୱ
ମୁଆଁଣ - ମୋହ, ଆଶା
ଅକାବକା - ଆଶ୍ଚର୍ଯ୍ୟ ହୋଇ
ପରାଏ - ପରି
ଜଡ଼ - ମୂକ, ନିଥର, ଅଚଳ
ଚତୁର - ଚାଲାକ
ଚୂଡ଼ା - ଅଗ୍ରଭାଗ, ଶୀର୍ଷ
ସାତତାଳ - ସାତଟି ତାଳ ଗଛର ଉଚ୍ଚତା
ଅଥଳ - ଥଳ ପାଉ ନଥିବା
ଅଗାଧ - ଅତି ଗଭୀର
କୀରତି - ଯଶଖ୍ୟାତି

## • କ୍ଷୁଦ୍ର ଉତ୍ତରମୂଳକ

୧। ବଢ଼େଇମାନେ ଦେଉଳର ମୁଣ୍ଡି ମାରିପାରିଲେ ନାହିଁ କାହିଁକି ?

ଉ– ଥରକୁ ଥର ଦଧିନଉତିର ପଥର ଖସି ପଡୁଥିଲା। ବଢ଼େଇମାନେ ମୁଣ୍ଡି ମାରିବା କୌଶଳ ଜାଣି ନଥିଲେ।

୨। ରାଜାଙ୍କ ଆଦେଶ ଶୁଣି ବଢ଼େଇମାନେ କି ପ୍ରକାର ବ୍ୟବହାର କରିଥିଲେ ?

ଉ– ରାଜାଙ୍କ ଆଦେଶ ଶୁଣିବା ପରେ ବଢ଼େଇମାନଙ୍କ ଭିତରେ କାନ୍ଦବୋବାଳି ପଡ଼ିଗଲା। କେତେକ ଚେତା ହରାଇଲେ ତ କେତେକ ଭାଗ୍ୟକୁ ନିନ୍ଦା କଲେ।

୩। ଧରମାର ପରିଚୟ ବଢ଼େଇମାନେ କିପରି ପାଇଲେ ?

ଉ– ଧରମାକୁ ବଢ଼େଇମାନେ ପଚାରିବାରୁ ସେ କହିଲା ଯେ ମୋ ବାପାଙ୍କ ନାମ ବିଶୁ ମହାରଣା। ସେ ଦେଉଳ ତୋଳା କାମରେ ଘରୁ ଆସି ବାରବର୍ଷ ଧରି ଫେରି ନ ଥିବାରୁ ମୁଁ ତାଙ୍କୁ ଦେଖା କରିବାକୁ ଆସିଛି। ଏହି କଥାରୁ ବଢ଼େଇମାନେ ତାହାର ପରିଚୟ ପାଇଲେ

୪। ବଢ଼େଇମାନେ ତାଟକା ହୋଇଗଲେ କାହିଁକି ?

ଉ– ବାରଶହ ବଢ଼େଇ ଯାହା ପାରି ନଥିଲେ ସେ କାମକୁ ଜଣେ ବାରବର୍ଷର ପିଲା ଅଳ୍ପ ସମୟ ମଧ୍ୟରେ କରି ଦେଖାଇ ଦେଇଥିଲା । ଏହା ଦେଖି ବଢ଼େଇମାନେ ତାଟକା ହୋଇ ଯାଇଥିଲେ ।

୫। କେତେକ ବଢ଼େଇଙ୍କ ମୁହଁ କଳା ପଡ଼ିଗଲା କାହିଁକି ?

ଉ– କେତେକ ଭାବିଲେ ଯେ ଏଡ଼େ ବକଟେ ପିଲା ଦେଉଳର ମୁଣ୍ଡି ମାରି ଦେଖାଇ ଦେଲା । ଏକଥା ରାଜା ଜାଣିଲେ କାହାକୁ କ୍ଷମା ଦେବେନି । ସବୁରି ମୁଣ୍ଡକାଟ ହେବ । ଏହା ଜାଣି ସେମାନଙ୍କ ମୁହଁ କଳା ପଡ଼ିଗଲା ।

୬। ସେମାନେ ଧରମା ବିଷୟରେ କ'ଣ ବିଚାର କଲେ ?

ଉ– ସେମାନେ ରାତାରାତି ଧରମାକୁ ମାରି ସମୁଦ୍ରରେ ପକାଇଦେବା କଥା ଭାବିଲେ ।

୭। ବଢ଼େଇମାନଙ୍କ ପ୍ରଶ୍ନରେ ବିଶୁ ମହାରଣା ଜଡ଼ ପାଲଟିଗଲା କାହିଁକି ?

ଉ– ବଢ଼େଇମାନଙ୍କ ପ୍ରଶ୍ନ ଶୁଣି ବିଶୁ ମହାରଣା ପୁଅର ଜୀବନ ରକ୍ଷା କରିବ ନା ବାରଶହ ବଢ଼େଇଙ୍କ ଜୀବନ ରଖିବ, ଏକଥା ଚିନ୍ତା କରି ନପାରି ଜଡ଼ ପାଲଟି ଯାଇଥିଲା ।

୮। "ଦେଉଳ ନଥିବ କାହିଁ" ଏହାଦ୍ୱାରା କୋଣାର୍କ ମନ୍ଦିରର କି ବିଶେଷତ୍ୱ ପ୍ରକାଶ ପାଉଛି ?

ଉ– ମନ୍ଦିରର କାରୁକାର୍ଯ୍ୟ ଅତି ସୁନ୍ଦର ଏବଂ ଉଚ୍ଚକୋଟିର ହୋଇଥିବା କଥା ପ୍ରକାଶ ପାଉଛି ।

୯। ବିଶୁ ମହାରଣାର ପୁଅ ବୋଲି ଜାଣି ଯେଉଁମାନେ ଧରମାକୁ ଧନ୍ୟ ଧନ୍ୟ କଲେ ସେମାନଙ୍କ ମନରେ କେଉଁ ଭାବନାର ସୂଚନା ମିଳେ ?

ଉ– ସେମାନେ ନିଜ ମହତପଣିଆର ପରିଚୟ ଦେଇ ଧରମାକୁ ଧନ୍ୟ ଧନ୍ୟ କରିଥିଲେ ।

୧୦। ଧର୍ମପଦକୁ ଆମେ ମନେ ରଖିବୁ କାହିଁକି ?

ଉ– ମାତ୍ର ବାରବର୍ଷର ପିଲା ହୋଇ ମଧ୍ୟ ଧରମା ଦେଉଳର ମୁଣ୍ଡି ମାରି ପାରିଥିଲା । ବାରଶହ ବଢ଼େଇଙ୍କର ଜୀବନ ରକ୍ଷା ପାଇଁ ସେ ନିଜେ ସମୁଦ୍ର ଗର୍ଭରେ ଝାସ ଦେଇ ଏକ ଦୃଷ୍ଟାନ୍ତ ରଖିଗଲା । ଏଣୁ ଆମେ ଧର୍ମପଦକୁ ମନେ ରଖିବୁ ।

୧୧। ଏହି କବିତାରେ ବାରଶହ ବଢ଼େଇଙ୍କ ଅପାରଗତାର ପରିଣାମ କିଭଳି ରୂପ ନେଇଛି ବୁଝାଇ ଲେଖ ।

ଉ– ବାରଶହ ବଢ଼େଇ ବାରବର୍ଷ ଧରି କଠୋର ପରିଶ୍ରମ କରି ମଧ୍ୟ ଦେଉଳର ମୁଣ୍ଡି ମାରି ପାରିଲେ ନାହିଁ । ମାତ୍ର ଧରମା ବାରବର୍ଷର ବାଳୁତ ପିଲାଟିଏ ହୋ

ଆତ୍ମବିଶ୍ୱାସ ଓ ସାହସ ବଳରେ ଦେଉଳର ମୁଣ୍ଡି ମାରି ଦେଇ ପାରିଲା । ଏହା ଦେଖି ବଢ଼େଇମାନେ ଚିନ୍ତାରେ ପଡ଼ିଗଲେ । ସେମାନଙ୍କ ଅପାରଗପଣିଆ ଜାଣିଲେ ରାଜା କ୍ଷମା ଦେବେନି । ନିଶ୍ଚିତ ମୁଣ୍ଡକାଟ ହେବ । ଏଣୁ ଧରମା ଆତ୍ମବଳି ଦେଇ ସବୁରି ଜୀବନ ରକ୍ଷା କଲା । ଜୀବନରକ୍ଷା ହେଲା ବାରଶହ ବଢ଼େଇଙ୍କର ସତ ମାତ୍ର ସେମାନଙ୍କ ଅପାରଗତା ପ୍ରମାଣିତ ହୋଇଗଲା ।

୧୨। ଏହି କବିତାରେ ଯେଉଁ ଯେଉଁ ସ୍ଥଳରେ ଧର୍ମପଦର ମହତଗୁଣର ପରିଚୟ ମିଳିଛି ଲେଖ ।

ଉ– "ଦେଖି ବଢ଼େଇଙ୍କର ଉହଳ ବିକଳ
ବୋଇଲା କିପାଇଁ ଅଥୟ ହୁଅ ?
ସବୁକଥା ଶୁଣି କହଇ ବାଳକ
ଦେଉଳର ମୁଣ୍ଡି ମାରିବି ମୁହିଁ ।
କିବା କଥାଟାଏ, ଚାହିଁ ଦେଖୁଥାଅ
ଏଥକୁ ଭାଳେଣି ନକର ଆଉ ।
ଭାବିଲା ମନରେ ଏତେ ଲୋକଙ୍କର
ପ୍ରାଣଯିବ ଏକା ମୋହରିପାଇଁ ।
(ଏଇ ପଦଗୁଡ଼ିକରେ ଧରମାର ମହତପଣିଆ ପ୍ରକାଶ ପାଇଛି ।)

## ● ଅତିକ୍ଷୁଦ୍ର ଉତ୍ତରମୂଳକ

୧୩। ଦେଉଳ ତୋଳିବା ପାଇଁ କେତେ ଜଣ ବଢ଼େଇ ଲାଗିଥିଲେ ଓ କେତେବର୍ଷ ଲାଗିଥିଲା ?

ଉ– ଦେଉଳ ତୋଳିବା ପାଇଁ ବାରଶହ ବଢ଼େଇ ବାରବର୍ଷ ଯାଏ କାର୍ଯ୍ୟରେ ଲାଗିଥିଲେ ।

୧୪। ଦେଉଳର ମୁଣ୍ଡି ମାରିବା ପାଇଁ ରାଜା କ'ଣ ଆଦେଶ ଦେଇଥିଲେ ?

ଉ– ରାତି ମଧ୍ୟରେ ଦେଉଳର ମୁଣ୍ଡି ମାରି ନ ପାରିଲେ ବାରଶହ ବଢ଼େଇଙ୍କର ମୁଣ୍ଡକାଟ ହେବ ବୋଲି ରାଜା ହୁକୁମ ଜାରି କରିଥିଲେ ।

୧୫। "କି ପାଇଁ ଅଥୟ ହୁଅ" କିଏ କାହାକୁ କେତେବେଳେ କହିଥିଲା ?

ଉ– ବାରଶହ ବଢ଼େଇ ରାଜାଙ୍କ ଆଦେଶ ଶୁଣି ଯେତେବେଳେ ଉହଳବିକଳ ହେଉଥିଲେ ସେତେବେଳେ ଏକଥା ଧରମା ସେମାନଙ୍କୁ କହିଥିଲା ।

୧୬। ବାରଶହ ବଢ଼େଇ ମୁଣ୍ଡରେ ହାତ ଦେଇ ବସୁଥିଲେ କାହିଁକି ?

ଉ– ଦେଉଳର ମୁଣ୍ଡି ନ ମାରି ପାରିବା ହେତୁ ରାଜାଙ୍କର ମୁଣ୍ଡକାଟ ଆଦେଶ ଶୁଣି ମୁଣ୍ଡରେ ହାତଦେଇ ବସୁଥିଲେ ।

୧୭। ବିଶୁ ମହାରଣା ଆନନ୍ଦରେ କ'ଣ କଲା ?

ଉ– ନିଜ ପୁଅ ବୋଲି ପରିଚୟ ପାଇ ବିଶୁ ମହାରଣା ଧରମାକୁ ଆନନ୍ଦରେ କୁଣ୍ଢେଇ ପକାଇଲା।

୧୮। ଧରମା ବଢ଼େଇମାନଙ୍କ କଥା ଶୁଣି କ'ଣ ଭାବିଲା ଓ କ'ଣ କଲା ?

ଉ– ଧରମା ବଢ଼େଇମାନଙ୍କ କଥା ଶୁଣି ଭାବିଲା, ସେ ମୁଣ୍ଡି ମାରିବା କଥା ଜାଣିଲେ ରାଜା କାହାକୁ କ୍ଷମା କରିବେନି। ସବୁରି ମୁଣ୍ଡ କାଟିବେ ନିଶ୍ଚିତ। ଏଣୁ ସେ ବାରଶହ ବଢ଼େଇଙ୍କ ଜୀବନ ରକ୍ଷିବା ପାଇଁ ଦେଉଳ ଉପରୁ ସମୁଦ୍ରକୁ ଡେଇଁ ଆତ୍ମହତ୍ୟା କଲା।

୧୯। କୋଣାର୍କ ମନ୍ଦିର ଓ ଧରମାର ନାମକୁ କିଏ ବଞ୍ଚାଇ ରଖିଛି ?

ଉ– ଧରମାର ଅମର କୀର୍ତ୍ତି ଓଡ଼ିଆ ଜାତିର ସ୍ମୃତିରେ କୋଣାର୍କ ମନ୍ଦିର ଓ ଧରମାର ନାମକୁ ବଞ୍ଚାଇ ରଖିଛି।

- **ଭାଷାଭିତ୍ତିକ**

୨୦। ବାକ୍ୟଗଠନ କର।

ଉ– ହାଉଳି - ରାଜାଙ୍କ ଆଦେଶ ଶୁଣିବା ପରେ ବଢ଼େଇମାନେ ଭୟରେ ହାଉଳି ଖାଇଲେ।

ଡହଳ ବିକଳ - ଭୋକରେ ଡହଳ ବିକଳ ହୋଇ ପିଲାଟି କାନ୍ଦୁଛି।

ବକଟେ - ବାରବର୍ଷର ଏଡ଼େ ବକଟେ ପିଲା ହୋଇ ମଧ୍ୟ ଧରମା କୋଣାର୍କ ମନ୍ଦିରର ମୁଣ୍ଡି ମାରି ପାରିଥିଲା।

ଚହଲ - ବନ୍ୟା ଆସିବା ଖବର ଗାଁରେ ଚହଳ ପକାଇ ଦେଲା।

ଥୋକାଏ - ଥୋକାଏ ଲୋକ ବନ୍ୟା ପାଣ୍ଠିରୁ ଅର୍ଥ ଆତ୍ମସାତ କରି ନେଲେ।

ମେଞ୍ଚଡ଼ - ମେଞ୍ଚଡ଼ ଟୋକାଟି ଗୁରୁଜନଙ୍କୁ ସମ୍ମାନ ଦିଏ ନାହିଁ।

ଅଥଳ - ସମୁଦ୍ରର ଅଥଳ ଜଳରେ ନୌକାଟି ବୁଡ଼ିଗଲା।

୨୧। ସାହସ ପାଇବା - ମନ୍ଦିରର ମୁଣ୍ଡି ମାରିବା ପାଇଁ ବାରଶ ବଢ଼େଇଙ୍କର ସାହସ ପାଇଲା ନାହିଁ।

ମୁଣ୍ଡରେ ହାତ ଦେବା - ଦଧିନଉତିରୁ ପଥର ବାରବାର ଖସି ପଡ଼ିବାରୁ ବଢ଼େଇମାନେ ମୁଣ୍ଡରେ ହାତ ଦେଇ ବସିଲେ।

କଳା ପଡ଼ିଯିବା - ଧରମା ମନ୍ଦିରର ମୁଣ୍ଡି ମାରିଦେବାରୁ ଥୋକାଏ ବଢ଼େଇଙ୍କ ମୁହଁ କଳା ପଡ଼ିଗଲା।

କାହିଁ ନଥିବା - କୋଣାର୍କର ମନ୍ଦିର ପରି ଆଉ ଏକ ମନ୍ଦିର କାହିଁ ନାହିଁ କୋଣାର୍କରେ କାହିଁ ନଥିବା ମନ୍ଦିର ତିଆରି ହୋଇଛି।

୨୨। କୋଣାର୍କ ବିଷୟରେ ସାଙ୍ଗ ପାଖକୁ ପତ୍ର।

ଉ-

ରାଣୀହାଟ ହାଇସ୍କୁଲ, କଟକ

ତା - ୧୦/୮/୨୦୧୨

ପ୍ରିୟ ସନ୍ଦୀପ !

ମୋର ଶୁଭେଚ୍ଛା ଗ୍ରହଣ କରିବ। ତମ ଚିଠି ପାଇ ସବୁକଥା ଜାଣିଲି। ଆଜି ମୁଁ କୋଣାର୍କ ବିଷୟରେ କିଛି ଲେଖୁଛି। ପଢ଼ି ମତାମତ ଦେବୁ।

କୋଣାର୍କ ଏକ ତୀର୍ଥ କ୍ଷେତ୍ର। ଏଠାରେ ସୂର୍ଯ୍ୟ ମନ୍ଦିର ତିଆରି କରିବା ପାଇଁ ରାଜା ଲାଙ୍ଗୁଳା ନରସିଂହ ଦେବ ବାରଶହ ବଢ଼େଇଙ୍କୁ ନିୟୋଜିତ କରିଥିଲେ। ସେମାନେ ବାରବର୍ଷ କାଳ ପରିଶ୍ରମ କରି ମଧ୍ୟ ମନ୍ଦିରର ମୁଣ୍ଡି ମାରି ପାରିଲେ ନାହିଁ। ଥରକୁ ଥର ପଥର ଖସି ପଡ଼ିଲା। ରାତିକ ମଧ୍ୟରେ ମୁଣ୍ଡି ମାରି ନ ପାରିଲେ ସବୁରି ମୁଣ୍ଡକାଟ ହେବ ବୋଲି ରାଜା ଆଦେଶ ଦେଲେ। ବାରଶହ ବଢ଼େଇଙ୍କ ମଧ୍ୟରେ ଭାଳେଣୀ ପଡ଼ିଗଲା। ଏମିତି ସମୟରେ ଏକ ବାରବର୍ଷର ବାଳକ ଆସି ମନ୍ଦିରର ମୁଣ୍ଡି ମାରିଦେବ ବୋଲି କହିବାରୁ ସମସ୍ତେ ଆଶ୍ଚର୍ଯ୍ୟ ହେଲେ। ସେ ଥିଲା ବଢ଼େଇଙ୍କ ମୁଖ୍ୟ ବିଶୁ ମହାରଣାର ପୁଅ। ବିଶୁ ତାକୁ କୋଳେଇ ନେଇ ଆନନ୍ଦିତ ହେଲା। ବଢ଼େଇଙ୍କ ଦୁଃଖ ଦେଖି ଧରମା ମନ୍ଦିରର ମୁଣ୍ଡିମାରି ଦେଲା। ଏକଥା ଜାଣିଲେ ରାଜା ବଢ଼େଇମାନଙ୍କୁ କ୍ଷମା ଦେବେ ନାହିଁ ବୋଲି ସମସ୍ତେ ଚିନ୍ତାରେ ପଡ଼ିଗଲେ। ଧରମା ବାରଶ ବଢ଼େଇଙ୍କୁ ବଞ୍ଚାଇବା ପାଇଁ ସମୁଦ୍ରକୁ ଡେଇଁ ଝାସ ଦେଲା। ଅମର କୀର୍ତ୍ତି ରଖି ଦେଇଗଲା ସେ। ତା'ର ସ୍ମୃତି ଚିର ଅମର ରହିବ।

ମୁଁ ଏଠାରେ ଭଲରେ ଅଛି। ତମେ ନିଶ୍ଚିତ ଭଲ ଥିବ। ଇତି

ତମର ପ୍ରିୟ ସାଙ୍ଗ

ପ୍ରଦୀପ

ଠିକଣା

| ପ୍ରେରକ | ପ୍ରାପକ |
|---|---|
| ଶ୍ରୀ ପ୍ରଦୀପ କୁମାର ବେହେରା | ଶ୍ରୀ ସନ୍ଦୀପ କୁମାର ମହାପାତ୍ର |
| ରାଣୀହାଟ ହାଇସ୍କୁଲ, କଟକ | ଏମ.କେ.ସି. ହାଇସ୍କୁଲ, ବାରିପଦା |
| ନବମ ଶ୍ରେଣୀ | ନବମ ଶ୍ରେଣୀ |
| ପୋ:ଅ: କଟକ | ପୋ:ଅ: - ବାରିପଦା |
| ଜି - କଟକ, ୭୫୩୦୦୧ | ଜି - ମୟୂରଭଞ୍ଜ, ୭୫୭୦୦୧ |